# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 June - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟରେ ୭୦ ଦଶମିକ ୬/୭ ପ୍ରତିଶତ ମତଦାନ ସୂଚନା
- ଆସନ୍ତା ମଙ୍ଗଳବାର ଭୋଟ ଗଣତି ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି

— ଆସନ୍ତା ବୁଧବାର ବସିବ ତଦନ୍ତ କମିଟି ବୈଠକ

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ କାଳବୈଶାଖୀ ହେବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ଅଷ୍ଟଦଶ ଲୋକସଭା ପାଇଁ ଦେଶରେ ନିର୍ବାଚନ ଶେଷ ହୋଇଛି। ମୋଟ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗତକାଲି ଶେଷ ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ୬୨ ଦଶମିକ ୫/୨ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଆୟୋଗ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଗତକାଲି ହୋଇଥିବା ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ୭୦ ଦଶମିକ ୬/୭ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ମୟୂରଭଞ୍ଜରେ ସର୍ବାଧିକ ୭୩ ଦଶମିକ ୮/୧ ପ୍ରତିଶତ ମତଦାନ ହୋଇଥିଲା । ଆସନ୍ତା ମଙ୍ଗଳବାର ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

ସୂଚନା ଅନୁସାରେ, ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ଏକ୍‌ଜିଟ୍ ପୋଲ୍‌ରେ ବି.ଜେ.ପି. ନେତୃତ୍ୱାଧୀନ ଏନ୍.ଡି.ଏ.କୁ ୩୫୦ରୁ ଅଧିକ ଆସନ ମିଳିବ ବୋଲି ଆକଳନ କରାଯାଇଛି । ସେହିଭଳି ଇଣ୍ଡି ମେଣ୍ଟକୁ ୧୨୫ରୁ ୧୬୨ ଆସନ ମିଳିବ ବୋଲି ଜଣାଯାଇଛି ।

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ମାସ ୧୯ରେ ୧୦୨ଟି ଲୋକସଭା ଆସନ ପାଇଁ ମତଦାନ ହୋଇଥିବାବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ ପର୍ଯ୍ୟାୟରେ ଅଣାନବେଟି, ମଇ ୭ରେ ତୃତୀୟ ପର୍ଯ୍ୟାୟରେ ୯୪ଟି, ମଇ ୧୩ରେ ୯୬ଟି ଲୋକସଭା ଆସନ, ମଇ ୨୦ ପଞ୍ଚମ ପର୍ଯ୍ୟାୟରେ ଅଣଚାଶଟି, ଷଷ୍ଠ ପର୍ଯ୍ୟାୟରେ ମଇ ୨୫ରେ ୯୭ଟି ଲୋକସଭା

ଆସନ ଏବଂ ଗତକାଲି ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟରେ ୫୭ଟି ଲୋକସଭା ଆସନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକ୍କିମ୍ ବିଧାନସଭା ପାଇଁ ଭୋଟ୍ ଗ୍ରହଣ ହୋଇଥିଲା ।

## ମତଗଣନା

ଲୋକସଭା ସାଧାରଣ ନିର୍ବାଚନ-୨୦୨୪ ଏବଂ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ବିଧାନସଭା ତଥା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତା ମଙ୍ଗଳବାର ସକାଳ ୮ଟାରୁ ଭୋଟଗଣତି କରାଯିବ। ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର, ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଓ ଡକ୍ଟର ସୁଖବୀର ସିଂହ ସନ୍ଧୁ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ରିଟର୍ଣ୍ଣିଂ ଅଫିସରଙ୍କ ସହ ଗଣତି ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ନିର୍ବାଚନ ଆୟୋଗ ୱେବ୍‌ସାଇଟ୍ **results.eci.gov.in** ଏବଂ ଭୋଟର୍ ହେଲ୍ପଲାଇନ୍ ଆପ୍‌ରେ ଗଣତିର ଟ୍ରେଣ୍ଡ୍ ଏବଂ ଫଳାଫଳ ଉପଲବ୍ଧ ହେବ। ଭୋଟର ହେଲ୍ପଲାଇନ୍‌ର ଆପ୍‌କୁ ଗୁଗୁଲ୍ ପ୍ଲେଷ୍ଟୋର କିମ୍ବା ଆପଲ୍ ପ୍ଲେଷ୍ଟୋର୍‌ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ରିଟର୍ଣ୍ଣିଂ ଅଧିକାରୀ ଓ ଗଣନା ଏଜେଣ୍ଟଙ୍କ ପାଇଁ ପୁସ୍ତିକା ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଥିବା ଜଣାଯାଇଛି।

ଭୋଟ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଇଭିଏମ୍ ଓ ଭିଭିପାଟ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି। ଷ୍ଟ୍ରଙ୍ଗ୍‌ରୁମ୍‌ଗୁଡ଼ିକ ସିସିଟିଭି ନଜରରେ ରହିଛି।

## ୨୩ ରାଉଣ୍ଡ ଗଣତି

ଚଳିତ ସାଧାରଣ ନିର୍ବାଚନ ପାଇଁ ଆସନ୍ତା ମଙ୍ଗଳବାର ଭୋଟ ଗଣତି ହେବ। ଫୁଲବାଣୀ ନିର୍ବାଚନମଣ୍ଡଳୀ ପାଇଁ ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ବୋଲି ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କନ୍ଧମାଳ ଲୋକସଭା ଆସନ ଓ ଫୁଲବାଣୀ ବିଧାନସଭା ଆସନ ପାଇଁ ପଲିଟେକନିକଠାରେ ଭୋଟ ଗଣତି କରାଯିବ। ସେହିପରି ବାଲିଗୁଡା ବିଧାନସଭା ଆସନ ଓ ଜି.ଉଦୟଗିରି ପାଇଁ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ ଗଣତି କରାଯିବ ବୋଲି ମଧ୍ୟ କୁହାଯାଇଛି। ଫୁଲବାଣୀରେ ସୁରୁଖୁରୁରେ ଗଣତି କାର୍ଯ୍ୟ ସମ୍ପାଦନ ପାଇଁ ପ୍ରାୟ ୩୦୦ କର୍ମଚାରୀ ନିୟୋଜିତ ହେବେ। ଫୁଲବାଣୀ ବିଧାନସଭା, ଲୋକସଭା ଏବଂ ପୋଷ୍ଟାଲ ବ୍ୟାଲଟ୍ ଗଣତି ପାଇଁ ୧୦ଟି ଲେଖାଏଁ ଟେବୁଲ ବ୍ୟବସ୍ଥା କରାଯାଇଛି। ଫୁଲବାଣୀର ୨୩୦ଟି ବୁଥ ପାଇଁ ୨୩ ରାଉଣ୍ଡ ଗଣତି ହେବ। ଫୁଲବାଣୀ ବିଧାନସଭା ଆସନରେ ଏଥରକ ୧ ଲକ୍ଷ ୪୫ ହଜାର ୧୨୪ ଜଣ ଓ ପୋଷ୍ଟାଲ ମାଧ୍ୟମରେ ୧୪୫୦ ଭୋଟର ମତଦାନ କରିଥିବା ସୂଚନା ଦିଆଯାଇଛି। ଗଣତି ସମୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାନେଇ ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

## ପୁରୀ ବାଣ ବିସ୍ଫୋରଣ

ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି ପାଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସୂଚନା ଦେଇଛନ୍ତି । ଗତକାଲି ମୃତ୍ୟୁ ସଂଖ୍ୟା ୯ ରହିଥିବାବେଳେ ଆଉ ୨ ଜଣଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ, ୧୯ ଜଣ ବିଭିନ୍ନ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ନରେନ୍ଦ୍ର ପୁଷ୍କରିଣୀଠାରେ ଶ୍ରୀଜିଉଙ୍କ ଭଉଁରୀ ଯାତ୍ରା ସମୟରେ ବାଣ ବିସ୍ଫୋରଣ ହୋଇଥିଲା ।

ଦୁର୍ଘଟଣାର ତଦନ୍ତ ଲାଗି ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶ ପରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ପୁରୀ ଜିଲାପାଳଙ୍କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ବୁଧବାର ଅପରାହ୍ଣ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣାର ତଦନ୍ତ କରାଯିବ। ଏସ୍‌ଆରସି ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପୁରୀ ଆସି ଏହି ଘଟଣାର ତଦନ୍ତ କରିବେ। ଏହି ତଦନ୍ତ ସମୟରେ ମନ୍ଦିର ପ୍ରଶାସନ, ପୁଲିସ୍ ଅଧିକ୍ଷକ, ପୁରୀ ସହକାରୀ ଅଗ୍ନିଶମ ଅଧିକାରୀ, ପ୍ରତ୍ୟକ୍ଷଦର୍ଶୀ ଏବଂ ଘଟଣା ସମ୍ପର୍କରେ ଜାଣିଥିବା ଲୋକଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରିଥାଏ।

## ଅସ୍ୱାଭାବିକ ମୃତ୍ୟୁସଂଖ୍ୟା

ରାଜ୍ୟରେ ଅସ୍ୱାଭାବିକ ମୃତ୍ୟୁସଂଖ୍ୟା ୩୧କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତକାଲି ସୁଦ୍ଧା

ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ୨୮ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇସାରିଥିବାବେଳେ ଆଉ ୩ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଛି। ତେବେ ଏ ସମସ୍ତ ଘଟଣା ସିଧାସଳଖ ଅଂଶୁଘାତଜନିତ ବୋଲି କୁହାଯାଇପାରିବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ପାରିପାର୍ଶ୍ୱିକ ସ୍ଥିତି ଯାଂଚ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

## ବାହାନଗା ଦୁର୍ଘଟଣାକୁ ବର୍ଷେ

ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାକୁ ଆଜି ବର୍ଷେ ପୂରିଛି। ଏହି ଦୁର୍ଘଟଣାରେ କରମଣ୍ଡଳ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇ ଏକ ମାଲବାହୀ ଟ୍ରେନ୍ ଉପରେ ଚଢ଼ିଯାଇଥିଲା ଏବଂ ବିପରୀତ ଦିଗରୁ ଆସୁଥିବା ଯଶୱନ୍ତପୁର-ହାୱଡା ଟ୍ରେନ୍ ସହ ଧକ୍‌କା ହୋଇଥିଲା। ସାରା ଦେଶକୁ ସ୍ତବ୍ଧ କରିଦେଇଥିବା ଏହି ଦୁଘଟଣାରେ ରିପୋର୍ଟ ଅନୁସାରେ ୨୯୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧ ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଏହି ଦୁର୍ଘଟଣା ପରେ ବାହାନଗା ରେଳ ଷ୍ଟେସନ୍‌ର ବିକାଶ କାର୍ଯ୍ୟ କରାଯାଉଛି।

## ଡାକ୍ତର ନିଖୋଜ

ମାଲକାନଗିରି ଜିଲ୍ଲାର କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅମ୍ଲାନ କୁମାର ଭୋଇ ଗତକାଲି ରାତ୍ରିଠାରୁ ନିଖୋଜ ରହିଥିବା ଜଣାପଡିଛି । ଏ ନେଇ କାଲିମେଳା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନିଖୋଜ ଡାକ୍ତରଙ୍କ କ୍ୱାଟରକୁ ଯାଇ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଏକ ପୁରୁଣା ମୋବାଇଲ ରହିଥିବାବେଳେ ସିପିଆଇ ମାଓବାଦୀଙ୍କ ନାମରେ ଏକ ପୋଷ୍ଟର ଡାକ୍ତରଙ୍କ କ୍ୱାଟର ମଧ୍ୟରୁ ପୋଲିସ ଜବତ କରିଛି।

## ଅନାଦେୟ ଋଣ ଫେରସ୍ତ

୨୦୧୪ ରୁ ୨୦୨୩ ମସିହା ମଧ୍ୟରେ ଅନାଦେୟ ଋଣରୁ ୧୦ ଲକ୍ଷ କୋଟି ଟଙ୍କା ବ୍ୟାଙ୍କକୁ ଫେରିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ବ୍ୟାଙ୍କିଂ କ୍ଷେତ୍ରରେ ବିଭିନ୍ନ ସୁଧାର ଓ ଉନ୍ନତ ଶାସନ ମାଧ୍ୟମରେ ଏହି ଟଙ୍କା ଫେରସ୍ତ ଆସିପାରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୧ ହଜାର ୧୦୫ଟି ବ୍ୟାଙ୍କ୍ ଠକେଇ ମାମଲାର ଯାଞ୍ଚ କରି ଅପରାଧିଙ୍କଠାରୁ ୬୪ ହଜାର ୯୨୦ କୋଟି ଟଙ୍କା ଜବତ କରିଥିଲା। ୨୦୨୩ ଡିସେମ୍ବର ମଧ୍ୟରେ ଜାତୀୟକରଣ ହୋଇଥିବା ବ୍ୟାଙ୍କଗୁଡ଼ିକୁ ୧୫ ହଜାର ୧୮୩ କୋଟି ଟଙ୍କା ଫେରାଯାଇଥିଲା। ଭାରତୀୟ ବ୍ୟାଙ୍କିଂ କ୍ଷେତ୍ର ଇତିମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିବା ସହିତ ଏହାର ଲାଭ ପରିମାଣ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବା ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ସରକାରଙ୍କର ୪-ଆର୍ ସୂତ୍ର ରଣନୀତି ଦ୍ୱାରା ଋଣ ଆଦାୟ ତ୍ୱରାନ୍ୱିତ କରାଯାଇପାରିଛି ବୋଲି ସେ କହିଛନ୍ତି।

## ଏକାଦଶ ନାମଲେଖା ପ୍ରକ୍ରିୟା

ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ଏକାଦଶ ଶ୍ରେଣୀ ନିମନ୍ତେ ଆସନ୍ତା ୭ ତାରିଖରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ । ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ନାମଲେଖାପାଇଁ ଅନ୍‌ଲାଇନ୍ ସାମ୍‌ସ ପୋର୍ଟାଲ୍ www.samsodisha.gov.in ମାଧ୍ୟମରେ ଆବେଦନ କରିପାରିବେ । ନାମଲେଖାର ସମସ୍ତ ପ୍ରକ୍ରିୟା ସାମ୍‌ସ ୱେବ୍‌ସାଇଟରେ କରାଯିବ ।

## ବି.ଏଡ୍. ଆବେଦନ

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବି.ଏଡ୍.ରେ ନାମଲେଖା ପାଇଁ ଆବେଦନ ସମୟସୀମା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏନେଇ ଜାତୀୟ ଶିକ୍ଷକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ଅନୁଷ୍ଠାନ - ଏନ୍.ସି.ଇ.ଆର୍.ଟି. ପକ୍ଷରୁ ସୂଚନା ଦିଆଯାଇଛି । ପୂର୍ବରୁ ଆବେଦନର ସମୟ ସୀମା ମଇ ୩୧ ତାରିଖ ପର୍ଯ୍ୟନ୍ତ ଥିଲା । ଛାତ୍ରଛାତ୍ରୀମାନେ ଏନ୍.ସି.ଇ.ଆର୍.ଟି. ୱେବ୍‌ସାଇଟ୍ www.cee.ncert.gov.inରୁ ଆବେଦନ ସଂକ୍ରାନ୍ତ ଅଧିକ ସୂଚନା  ଜାଣିପାରିବେ ।

## ଓ.ଜେ.ଏସ୍. ପ୍ରିଲିମିନାରୀ ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି. ଦ୍ୱାରା ପରିଚାଳିତ ଓଡ଼ିଶା ନ୍ୟାୟିକ ସେବା - ଓ.ଜେ.ଏସ୍.-୨୦୨୩ ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଓ.ପି.ଏସ୍.ସି. ପକ୍ଷରୁ

ବିଜ୍ଞପ୍ତି ପ୍ରକାଶ ପାଇଛି । ଅପରାହ୍ଣ ୩ଟାରୁ ରାଜ୍ୟର ୫ଟି ଜୋନ୍‌ର ବିଭିନ୍ନ କେନ୍ଦ୍ରରେ ଏହି ପରୀକ୍ଷା ଆରମ୍ଭ ହୋଇ ସାଢ଼େ ୪ଟାରେ ଶେଷ ହେବ । ଖୁବ୍ ଶୀଘ୍ର ପରୀକ୍ଷା କେନ୍ଦ୍ର ତାଲିକା ପ୍ରକାଶ କରାଯିବ ବୋଲି ଓ.ପି.ଏସ୍.ସି. ପକ୍ଷରୁ କୁହାଯାଇଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର ବିଭିନ୍ନ ସ୍ଥାନରେ ପ୍ରବେଶ କରିସାରିଛି । ତେବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ୩ ଦିନ ପର୍ଯ୍ୟନ୍ତ ଓଡ଼ିଶାର ପଶ୍ଚିମାଞ୍ଚଳରେ  ଗ୍ରୀଷ୍ମପ୍ରବାହ ଜାରି ରହିବା ନେଇ ସତର୍କ ସୂଚନା ଜାରି କରାଯାଇଛି । ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

**********************************